## ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାନାନ୍ତର ନେଇ ବିଧାନସଭାରେ ବାକ୍‌ଯୁଦ୍ଧ, ଶାସକମେଣ୍ଟ ସଦସ୍ୟଙ୍କ ଧାରଣା

ଭୁବନେଶ୍ୱର (ନି.ପ୍ର.)-ଜାତୀୟ ବିଜ୍ଞାନ ପ୍ରତିଷ୍ଠାନକୁ ଭୁବନେଶ୍ୱରରୁ ପଶ୍ଚିମବଙ୍ଗକୁ ଉଠାଇନିଆଯିବା ଘଟଣାକୁ କେନ୍ଦ୍ରକରି ବିଧାନସଭାରେ ଆଜି ଶାସକ ଓ ବିରୋଧୀଦଳ ସଦସ୍ୟମାନଙ୍କ ମଧ୍ୟରେ ପ୍ରବଳ କଥା କଟାକଟି ହୋଇ ଥିବା ବେଳେ, ପ୍ରତିଷ୍ଠାନର ସ୍ଥାନାନ୍ତର ପ୍ରତିବାଦରେ ଶାସକମେଣ୍ଟର କିଛି ସଦସ୍ୟ ବିଧାନସଭା ପ୍ରାଙ୍ଗଣରେ ଥିବା ଗାନ୍ଧୀମୂର୍ତ୍ତି ନିକଟରେ କିଛି ସମୟ ପାଇଁ ଧାରଣା ଦେଇ ବସିଥିଲେ । ବିଧାନସଭା ପ୍ରଶ୍ନୋତ୍ତର କାଳରେ ବିଧାୟକ ଅଶ୍ୱିନୀକୁମାର ପାତ୍ରଙ୍କ ମୂଳପ୍ରଶ୍ନ ଓ ବିଧାୟକ ଡାକ୍ତର ନୃସିଂହ ସାହୁ, ଦେବୀପ୍ରସାଦ ମିଶ୍ର, ନାରାୟଣ ରେଡ୍ଡୀ, ନରେନ ପଲେଇ, ବିଷ୍ଣୁ ଦାସ, ଦ୍ରୌପଦୀ ମୁର୍ମୁ ଓ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କର ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସମୀର ଦେ କହିଲେ ଯେ, ୟୁଜିସି ୨୦୦୩ ମସିହା ଜୁଲାଇ ୨୩ତାରିଖରେ ଦେଇଥିବା ଏକ ଚିଠି ଅନୁଯାୟୀ ଭୁବନେଶ୍ୱର, ପୁଣେ, ଚେନ୍ନାଇ ଓ ଆହ୍ଲାବାଦଠାରେ ୪ଟି ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଖୋଲାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ମନ୍ତ୍ରୀ ଶ୍ରୀ ଦେ କହିଥିଲେ ଯେ, କେନ୍ଦ୍ରରେ ଥିବା ତତ୍କାଳୀନ ଏନଡିଏ ସରକାର ବିଜ୍ଞାନ ପ୍ରତିଷ୍ଠାନ ପାଇଁ ଏହି ନିଷ୍ପତ୍ତି ନେଇଥିଲାବେଳେ ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟେକ ପ୍ରତିଷ୍ଠାନକୁ ୨୫କୋଟି ଟଙ୍କା ଦେବା ଲକ୍ଷ୍ୟ ନେଇ କେନ୍ଦ୍ରୀୟ ବଜେଟରେ ୧୦୦କୋଟି ଟଙ୍କା ମଂଜୁର କରି ଏହି ଅର୍ଥ ୟୁଜିସିକୁ ପ୍ରଦାନ କରିଥିଲେ । ଆଉ ଶହେ କୋଟି ଟଙ୍କା ଏହି କେନ୍ଦ୍ରଗୁଡିକୁ ଦେବା ପାଇଁ ଯୋଜନା କମିଶନଙ୍କୁ ନିବେଦନ କରିବା ପାଇଁ ପ୍ରସ୍ତାବ ରହିଥିଲା । ମନ୍ତ୍ରୀ ଶ୍ରୀ ଦେ କହିଛନ୍ତି ଯେ, ଭୁବନେଶ୍ୱର ଜାତୀୟ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଭୁବନେଶ୍ୱର ତହସିଲର କୋଠପାଟଣା ଏବଂ ସଂଲଗ୍ନ ଗ୍ରାମରୁ ୭୫ଏକର ଜମି ନିର୍ଦ୍ଧାରଣ କରି ୨୦୦୩ମସିହା ଡିସେମ୍ବର ମାସ ୧୮ତାରିଖରେ ୟୁଜିସିକୁ ସୂଚନା ଦେଇଥିଲେ । ପରେ କେନ୍ଦ୍ରରେ ସରକାର ପରିବର୍ତ୍ତନ ହେବା ପରେ ପୂର୍ବ ନିଷ୍ପତ୍ତିକୁ ପରିବର୍ତ୍ତନ କରାଯାଇ ଜାତୀୟ ବିଜ୍ଞାନ କେନ୍ଦ୍ରକୁ ଜାଣିଶୁଣି ପଶ୍ଚିମବଙ୍ଗକୁ ସ୍ଥାନାନ୍ତର କରାଗଲା । ଏ ସଂପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଦୃଷ୍ଟି ଆକର୍ଷଣ କରିଥିଲାବେଳେ ଜାତୀୟ ବିଜ୍ଞାନ କେନ୍ଦ୍ର ସ୍ଥାନାନ୍ତର ଘେନି ଜନସ୍ୱାର୍ଥ ମାମଲାରେ ଓଡିଶା ହାଇକୋର୍ଟ ଏକ ରହିତାଦେଶ ଜାରି କରିଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଓଡିଶାରେ ଜାତୀୟ ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ନେଇ ଏନ.ଡି.ଏ ସରକାରଙ୍କ ସମୟରେ କୌଣସି ନିଷ୍ପତ୍ତି ହୋଇନାହିଁ ବୋଲି ଓଡିଶା ହାଇକୋର୍ଟରେ ଏକ ମିଥ୍ୟାସତ୍ୟପାଠ ଦାଖଲ କରାଯାଇଛି । ଶ୍ରୀ ଦେ ଅଭିଯୋଗ କରିଥିଲେ ଯେ, ପଶ୍ଚିମବଙ୍ଗର ନିର୍ବାଚନକୁ ଆଖିରେ ରଖି ୟୁପିଏ ସରକାର ଏହିଭଳି ନିଷ୍ପତ୍ତି ନେଇଛନ୍ତି । ଶାସକ ଦଳର ସଦସ୍ୟମାନେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାନାନ୍ତର ପାଇଁ ଗୃହରେ ୟୁପିଏ ସରକାରଙ୍କୁ ସମାଲୋଚନା କରିଥିଲାବେଳେ ବିରୋଧୀଦଳର ସଦସ୍ୟମାନେ ଏନ.ଡି.ଏ ସରକାରଙ୍କ ସମୟରେ ଏଭଳି କୌଣସି ନିଷ୍ପତ୍ତି ହୋଇନାହିଁ ବୋଲି ଯୁକ୍ତିବାଢିଥିଲେ । ଶାସକ ଦଳର କେତେକ ସଦସ୍ୟ କହିଥିଲେ ଯେ, ଓଡିଶାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ କେନ୍ଦ୍ର ଆଇନ ବିଭାଗର ମଂଜୁରୀ ନଥିଲା । ପରେ ବାଚସ୍ପତି ମହେଶ୍ୱର ମହାନ୍ତି ଗାନ୍ଧିମୂର୍ତ୍ତି ପାଖରେ ଧାରଣା ଦେଇଥିବା ଶାସକମେଣ୍ଟର ସଦସ୍ୟମାନଙ୍କୁ ଗୃହକୁ ଫେରିଆସିବାକୁ ନିବେଦନ କରିବା ପରେ ସରକାରୀ ଦଳର ମୁଖ୍ୟସଚେତକ କିଶୋର ମହାନ୍ତି ଧାରଣାରତ ସଦସ୍ୟମାନଙ୍କୁ ଧାରଣାରୁ ଉଠାଇ ଗୃହକୁ ଫେରାଇ ଆଣିଥିଲେ ।









Ph



The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919 (Servants of People Society)